I J C R M
International Journal of Contemporary Research In Multidisciplinary

Research Article

ବ୍ୟଙ୍ଗ ଭିତରେ ବିଦ୍ରୋହ : ଗୋଦାବରୀଶ ମହାପାତ୍ରଙ୍କ ଗଳ୍ପରେ ଭ୍ରଷ୍ଟ ରାଜନୀତିର ଚିତ୍ର ଓ ଚରିତ୍ର

ପୂର୍ଣ୍ଣଚନ୍ଦ୍ର ଜେନା
ଗବେଷକ, ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ, ଓଡ଼ିଶା, ଭାରତ

Corresponding Author: * ପୂର୍ଣ୍ଣଚନ୍ଦ୍ର ଜେନା

DOI: https://doi.org/10.5281/zenodo.24000794

ସଂକ୍ଷିପ୍ତସାର :

ଓଡ଼ିଆ ଗଳ୍ପ ସାହିତ୍ୟକୁ ଗୋଦାବରୀଶ ମହାପାତ୍ରଙ୍କ ଅବଦାନ ଚିରସ୍ମରଣୀୟ । ତାଙ୍କର ସମଗ୍ର ଗଳ୍ପ ସୃଷ୍ଟିରେ ସମାଜ ସଂସ୍କାରମୁଖୀ ବାର୍ତ୍ତା ନିହିତ । ତାଙ୍କ ଲେଖନୀରେ କୌଣସି କାଳ୍ପନିକ ରାଜା ରାଣୀ ବା ପରିରାଇଜର ଅଲୌକିକ କାହାଣୀ ସ୍ଥାନ ପାଇନାହିଁ, ବରଂ ସ୍ଥାନ ପାଇଛନ୍ତି ଓଡ଼ିଶା ଭୂଖଣ୍ଡର ମାଟି ଗୋଡ଼ି ସହିତ ନିଜ ଜୀବନକୁ ତିଳ ତିଳ କରି ସଂଘର୍ଷ କରୁଥିବା ସାଧାରଣ ଚରିତ୍ର । ଏହି ସାଧାରଣ ଚରିତ୍ରମାନଙ୍କୁ ସ୍ୱାଧୀନତା ପୂର୍ବବର୍ତ୍ତୀ ଓ ସ୍ୱାଧୀନତା ପରବର୍ତ୍ତୀ ସମୟଖଣ୍ଡରେ କିପରି ଧନୀକ ମହାଜନ, ସାହୁକାର, ପୋଲିସ ପ୍ରଶାସନିକ ଅଧିକାରୀ ଏବଂ ଶଠ ରାଜନେତାମାନେ ନାନା ରୂପେ ନାନା ଉପାୟରେ ଶୋଷଣ କରିଛନ୍ତି, ତାହାର ବାସ୍ତବ ଚିତ୍ରକୁ ସେ ପ୍ରତ୍ୟକ୍ଷ ରୂପେ ହୃଦୟଙ୍ଗମ କରିଛନ୍ତି । ତେଣୁ ନିଜ ଲେଖନୀମୁନରେ ଏହି ସମ୍ଭ୍ରାନ୍ତ ଶୋଷକଗୋଷ୍ଠୀଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରିଛନ୍ତି । ଏହି ସ୍ୱର ଉତ୍ତୋଳନର ମାଧ୍ୟମ ଭାବରେ ସେ ହାସ୍ୟ ବ୍ୟଙ୍ଗ ଓ ବିଦ୍ରୁପର ପନ୍ଥା ଆପଣେଇଛନ୍ତି । ଯାହାକୁ ତାଙ୍କର ସମଗ୍ର ଗଳ୍ପ ସୃଷ୍ଟିରେ ଲକ୍ଷ୍ୟ କରାଯାଇ ପାରିବ ।

Manuscript Information

- **ISSN No:** 2583-7397
- **Received:** 16-08-2026
- **Accepted:** 30-10-2026
- **Published:** 06-11-2026
- **IJCRM:**5(6); 2026: 38-41
- **©2026, All Rights Reserved**
- **Plagiarism Checked:** Yes
- **Peer Review Process:** Yes

How to Cite this Article

ପୂର୍ଣ୍ଣଚନ୍ଦ୍ର ଜେନା. ବ୍ୟଙ୍ଗ ଭିତରେ ବିଦ୍ରୋହ : ଗୋଦାବ
ମହାପାତ୍ରଙ୍କ ଗଳ୍ପରେ ଭ୍ରଷ୍ଟ ରାଜନୀତିର ଚିତ୍ର ଓ ଚରି
. Int J Contemp Res Multidiscip. 2026;5(6):38-41.

Access this Article Online

www.multiarticlesjournal.com

ପ୍ରମୁଖ ଶବ୍ଦାବଳୀ: ଜାତୀୟତାବାଦ, ରାଜନୀତି, ଶ୍ରେଣୀସଂଘର୍ଷ, କୃଷକ, ଜନସାଧାରଣ, ହରିସୁଆର, ମହାତ୍ମା ଗାନ୍ଧୀ, ବ୍ୟଙ୍ଗ-ବିଦ୍ରୁପ

© 2026 ପୂର୍ଣ୍ଣଚନ୍ଦ୍ର ଜେନା. This is an open-access article distributed under the terms of the Creative Commons Attribution 4.0 International License (CC BY NC ND). https://creativecommons.org/licenses/by-nc-nd/4.0/

ଉପକ୍ରମ :

ଓଡ଼ିଆ ସାହିତ୍ୟ ଜଗତରେ ଗୋଦାବରୀଶ ମହାପାତ୍ର ଜଣେ ନିର୍ଭୀକ, ସ୍ପଷ୍ଟବାଦୀ ଏବଂ ପ୍ରଚଣ୍ଡ ପ୍ରତିଭା ସମ୍ପନ୍ନ ବ୍ୟକ୍ତିତ୍ୱର ଅଧିକାରୀ । ତାଙ୍କର ସମଗ୍ର ଜୀବନ ନାନା ଦୁଖଃ ଦୁର୍ଦ୍ଦଶା ଓ ଦାରିଦ୍ର୍ୟତା ମଧ୍ୟଦେଇ ଗତିକରିଥିଲେ ମଧ୍ୟ ସେ ନିଜ ବ୍ୟକ୍ତିତ୍ୱର ପରାକାଷ୍ଠା ଶେଷ ସମୟ ପର୍ଯ୍ୟନ୍ତ ବଜାୟ ରଖିଥିଲେ । ସେ କେବଳ ଜଣେ କବି, ଔପନ୍ୟାସିକ କିମ୍ବା ପତ୍ରିକା ସମ୍ପାଦକ ନଥିଲେ, ବରଂ ଓଡ଼ିଆ ଗଳ୍ପ ଓ ବ୍ୟଙ୍ଗ ସାହିତ୍ୟ ଜଗତରେ ଜଣେ ମୂର୍ଦ୍ଧନ୍ୟ ପ୍ରତିନିଧି ଥିଲେ । ତାଙ୍କ ଲେଖନୀରେ ସମାଜର କଳଙ୍କିତ ରୂପ, ରାଜନୈତିକ ଭ୍ରଷ୍ଟାଚାର, ଦୁର୍ନୀତି ଏବଂ ମାନବୀୟ ମୂଲ୍ୟବୋଧର ଅବକ୍ଷୟ ବିରୁଦ୍ଧରେ ଏକ ସ୍ପଷ୍ଟ ପ୍ରତିବାଦର ତୀବ୍ର ସ୍ୱର ଦେଖିବାକୁ ମିଳେ । ତାଙ୍କ ଗଳ୍ପଗୁଡ଼ିକରେ ଦୈନନ୍ଦିନ ସମାଜରେ ବସବାସ କରୁଥିବା ସାଧାରଣ ଚରିତ୍ର ଠାରୁ ଆରମ୍ଭ କରି ସମାଜରେ ଶ୍ରେଷ୍ଠ ଆସନରେ ବିରାଜିତ ଶଠ ରାଜନେତା, ପ୍ରଶାସନିକ ଅଧିକାରୀ, ସାହୁକାର, ଜମିଦାର ପ୍ରଭୃତିଙ୍କ ବିରୋଧରେ ଶାଣିତ ବ୍ୟଙ୍ଗ ବିଦ୍ରୁପ ପ୍ରକାଶ ପାଇଥିବା ବେଳେ, ସାଧାରଣ କୃଷକ, ଶଗଡ଼ିଆ, ମାଷ୍ଟ୍ରାଣୀ, ଚାଷୀ ମୂଲିୟା ପ୍ରଭୃତିଙ୍କ ଦୁଖଃରେ ଆର୍ତ୍ତ ଚିତ୍କାର କରିଛି । ତାଙ୍କ ଗଳ୍ପ ସୃଷ୍ଟିରେ ବ୍ୟଙ୍ଗ-ବିଦ୍ରୁପ ଏବଂ ରାଜନୈତିକ ପ୍ରସଙ୍ଗ ଏପରି ଏକାକାର ହୋଇଯାଇଛି, ଯାହା ପାଠକକୁ କେବଳ ହସାଏ ନାହିଁ, ବରଂ ଗଭୀର ଆତ୍ମସମୀକ୍ଷା ପାଇଁ ବାଧ କରେ ।

ସତ୍ୟବାଦୀ ଜାତୀୟତାବାଦର ଆଦର୍ଶବୋଧ ଓ ଭାରତୀୟ ସ୍ୱାଧୀନତା ଆନ୍ଦୋଳନ ଏବଂ ସ୍ୱାଧୀନତା ପରବର୍ତ୍ତୀ ସନ୍ଧିକ୍ଷଣରେ ଗୋଦାବରୀଶଙ୍କ ଆବିର୍ଭାବ ଘଟେ । ତେଣୁ ଗୋଦାବରୀଶ ପ୍ରତ୍ୟକ୍ଷ ରୂପେ ସ୍ୱାଧୀନ ଦେଶର ରାଜନୀତିର ଚିତ୍ର ଓ ଚରିତ୍ରକୁ ଦେଖିଛନ୍ତି ଏବଂ ସମୟର ପରିବର୍ତ୍ତନ ସହିତ ରାଜନେତାମାନଙ୍କର ଧଳା ପୋଷାକ ତଳେ ଲୁଚି ରହିଥିବା କୁତ୍ସିତ ରୂପର ଚିତ୍ର କିପରି ପ୍ରକାଶ ଘଟୁଛି ତାହାକୁ, ସେ ନିଜ ଲେଖନୀରେ ବାସ୍ତବ ରୂପ ଦେଇଛନ୍ତି । ସ୍ୱାଧୀନତା ପୂର୍ବରୁ ଯେଉଁମାନେ ବାନରସେନା ରୂପେ ସ୍ୱାଧୀନତା ଆନ୍ଦୋଳନରେ ଝାସ ଦେଇଥିଲେ ସେମାନେ ସ୍ୱାଧୀନ ଦେଶରେ ଭୋକ ଉପାସ ଓ ଦାରିଦ୍ର୍ୟତା ମଧ୍ୟଦେଇ କାଳାତିପାତ କରୁଥିବା ବେଳେ, ଯେଉଁ କେତେଜଣ ସମ୍ଭ୍ରାନ୍ତବର୍ଗୀୟ ଇଂରେଜ ସରକାରଙ୍କ ଗୋଡ଼ାଣିଆ ଥିଲେ, ସେମାନେ ସ୍ୱାଧୀନ ଦେଶର ବିଭିନ୍ନ ଗାଦିରେ ଉପବିଷ୍ଟ ହୋଇ କ୍ଷମତା ଓ ଅର୍ଥର ଲାଳସାରେ ଅନ୍ଧ ହୋଇ ଦେଶବାସୀଙ୍କୁ ଶୋଷଣ କରିବାରେ ଲାଗିଛନ୍ତି । ଏହି ରାଜନୈତିକ ପଥଭ୍ରଷ୍ଟତା ଏବଂ ପ୍ରତାରଣାକୁ ଗୋଦାବରୀଶ ତାଙ୍କ ଗଳ୍ପଗୁଡ଼ିକରେ ଅତି ତୀକ୍ଷ୍ଣ ରୂପେ ବ୍ୟଙ୍ଗ ବିଦ୍ରୁପ କରିବା ସହିତ ସେମାନଙ୍କର ଅସଲ ମୁଖାକୁ ପଦାରେ ପକାଇଛନ୍ତି ।

'ମୋର ସ୍ୱର୍ଗକୁ ଯାତ୍ରା', 'ଦେଶର ଗତି କେଉଁ ଆଡ଼କୁ', 'ମୁଁ ଦିନେ ମନ୍ତ୍ରୀ ଥିଲି', 'ବନପରିଡ଼ା', 'ସଇତାନର ଭୋଟ', 'ମେଲେଏ', 'ଜୀବନର ସ୍ୱପ୍ନ', 'ଶବସଂସ୍କାର', 'ଉନ୍ମୋଚନ', 'ହରି ସୁଆରର ଗାନ୍ଧୀ ଟୋପି', 'ହସ୍ତାନ୍ତର', 'ଜାଲଟଙ୍କା', 'ପାତ୍ରଙ୍କ ସ୍ମରଣ ଶକ୍ତି', 'ମଦଦୋକାନର ଇତିହାସ', 'ମରିବାକୁ ବେଳନାହିଁ', 'ତମ ପକେଟ ରହସ୍ୟ', 'ଓଡ଼ିଶାରେ ଚାକିରି ଶସ୍ତା' ପ୍ରଭୃତି ଗଳ୍ପଗୁଡ଼ିକରେ ହାସ୍ୟ ବ୍ୟଙ୍ଗ ମଧ୍ୟ ଦେଇ ରାଜନୀତିର ଭ୍ରଷ୍ଟାଚାରର ଚିତ୍ର ପ୍ରତିପାଦିତ ହୋଇଛି ।

ଗୋଦାବରୀଶଙ୍କ ଗଳ୍ପଗୁଡ଼ିକର ପ୍ରଧାନ ବୈଶିଷ୍ଟ୍ୟ ହେଉଛି ବ୍ୟଙ୍ଗ । ଏହି ବ୍ୟଙ୍ଗ କୌଣସି ବାହ୍ୟ ହାସ୍ୟ ରସ ନୁହେଁ । ଏହା ଏକ ଗଭୀର ସାମାଜିକ ଓ ରାଜନୈତିକ ସମାଲୋଚନାର ମାଧ୍ୟମ । ଗୋଦାବରୀଶ ନିଆଁଖୁଣ୍ଟା ପତ୍ରିକା ମାଧ୍ୟମରେ ଯେଉଁ ବ୍ୟଙ୍ଗ ସାହିତ୍ୟ ସୃଷ୍ଟି କରିଥିଲେ, ତାହା ତାଙ୍କ ଗଳ୍ପରେ ଅତି ତୀକ୍ଷ୍ଣ ରୂପେ ପ୍ରକାଶିତ ହୋଇଛି । ତାଙ୍କ ଗଳ୍ପର ଚରିତ୍ରମାନେ ସାଧାରଣ ଗ୍ରାମ୍ୟ ମଣିଷ- ମାଗୁଣି, ବେଣୁଧର, ନୀଳ ମାଷ୍ଟ୍ରାଣୀ, ହରିସୁଆର, ଗଙ୍ଗା ନାହାକ, ବନ ପରିଡ଼ା, ଭାଇଗା ପ୍ରଭୃତି । ଏମାନେ ନିଜର ସାଧାରଣ ଜୀବନ ଯାପନ କରୁଥିବା ସମୟରେ ସମାଜ ଓ ରାଜନୀତିର ଶୋଷଣର ଶିକାର ହୁଅନ୍ତି । ମାଗୁଣିର ଶଗଡ଼ ଗଳ୍ପରେ ମାଗୁଣି ଜଣେ ସାଧାରଣ ଶଗଡ଼ିଆ । ତା'ର ଜୀବନ କେବଳ ଯାତ୍ରୀ ବୋହିବା ଓ ଦୁଇପଇସା ରୋଜଗାର କରିବାରେ ସୀମିତ । ମାତ୍ର ଏହି ସାଧାରଣ ଚରିତ୍ର ମାଧ୍ୟମରେ ଗୋଦାବରୀଶ ସମାଜର ଶ୍ରେଣୀ ବିଭାଗ, ଶୋଷଣ ଓ ମାନବିକ ସଂପର୍କର କପଟତାକୁ ବ୍ୟଙ୍ଗାତ୍ମକ ଶୈଳୀରେ ଉପସ୍ଥାପନ କରିଛନ୍ତି । ମାଗୁଣିର ସରଳତା ଓ ସମାଜର ଜଟିଳତା ମଧ୍ୟରେ ଥିବା ବିପର୍ଯ୍ୟୟ ହିଁ ବ୍ୟଙ୍ଗର ମୂଳ ଉତ୍ସ ।

'ମୋର ସର୍ଗକୁ ଯାତ୍ରା' ଗଳ୍ପରେ ରାଜନେତାମାନେ କିପରି ଜନମତକୁ ବେଖାତିର କରନ୍ତି ଏବଂ ସେମାନଙ୍କର ସ୍ୱରକୁ କିପରି ଚାପି ଦିଅନ୍ତି ତାହାକୁ ଗାନ୍ଧିକ ଉକ୍ତ ଗଳ୍ପ ମାଧ୍ୟମରେ ପ୍ରକାଶ କରିଛନ୍ତି । ଏହାକୁ ପ୍ରକାଶ କରିବାପାଇଁ ଗାନ୍ଧିକ ସ୍ୱର୍ଗର ବିଧାତା ଓ ମନ୍ତ୍ରୀଙ୍କ କଥୋପକଥନକୁ ଉଦାହରଣ ଭାବରେ ଗ୍ରହଣ କରିଛନ୍ତି । ଏ ଗଳ୍ପରେ ହୀରାକୁଦ ବନ୍ଧ ନିର୍ମାଣ ଓ ଡୁଡୁମା ଦାନ ପ୍ରସଙ୍ଗ ଉତ୍ଥାପନ କରାଯାଇଛି । ଏହି ଦୁଇଟି କାର୍ଯ୍ୟକୁ ବିରୋଧ କରୁଥିବା ଜନତାଙ୍କୁ ମନ୍ତ୍ରୀ କୀଟାଣୁ ରୂପେ ଗଣ୍ୟ କରି ସେମାନଙ୍କର ମତାମତକୁ ଅବହେଳା କରିଛନ୍ତି । ଏଥିରେ ଗାନ୍ଧିକ ମନ୍ତ୍ରୀମାନଙ୍କ ପ୍ରତି ବ୍ୟଙ୍ଗୋକ୍ତି ପ୍ରକାଶ କରିଛନ୍ତି ।

ସ୍ୱାଧୀନତା ପରବର୍ତ୍ତୀ ସମୟଖଣ୍ଡରେ ଗବାନନ୍ଦ ପରି ବ୍ୟକ୍ତିମାନେ କିପରି ନିଜର ସ୍ୱାର୍ଥ ପାଇଁ ରାଜନୀତିର ଛକାପଞ୍ଜାରେ ଯୋଗଦେବାପାଇଁ ନିଜର ପୋଷାକ ପରିଚ୍ଛେଦ ଠାରୁ ଆରମ୍ଭ କରି କଥନ ଭଙ୍ଗୀର ଆଳାପ ପ୍ରତିଟି କ୍ଷଣରେ ପରିବର୍ତ୍ତନ କରିଥାନ୍ତି, ତାହାକୁ ଗାନ୍ଧିକ 'ଦେଶର ଗତି କେଉଁ ଆଡ଼କୁ' ଗଳ୍ପରେ ବର୍ଣ୍ଣନା କରିଛନ୍ତି । ଗଳ୍ପରେ ସେବାନନ୍ଦ ଓ ଗବାନନ୍ଦ ଦୁଇଜଣ ବନ୍ଧୁ ପ୍ରାକ୍ ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇଥିଲେ । ସ୍ୱାଧୀନତା ପ୍ରାପ୍ତି ପରେ ସେବାନନ୍ଦ ଦରିଦ୍ର ଜନତାଙ୍କର ସେବାକୁ ନାରାୟଣଙ୍କ ସେବା ଭାବରେ ଗ୍ରହଣ କରିନେଲେ, ମାତ୍ର ଗବାନନ୍ଦ ନିଜର ଚତୁର ପଣରେ ଏବଂ ବାକ୍ ଚାତୁରୀ ସାହାଯ୍ୟରେ ବିଭିନ୍ନ ସଭା ସମିତିରେ ଯୋଗଦେଇ ଦେଶସେବକର ଛଦ୍ମ ମୁଖା ପରିଧାନ କରି ରାଜନୀତିରେ ଭାଗନେବାପାଇଁ ଚେଷ୍ଟା କରିଛି । ଏହିଭଳି ବକଧାର୍ମିକ ନେତାମାନଙ୍କୁ ଗାନ୍ଧିକ ଉକ୍ତ ଗଳ୍ପ ମାଧ୍ୟମରେ ବିଦ୍ରୁପ କରିଛନ୍ତି । ସେହିପରି 'ମୁଁ ଦିନେ ମନ୍ତ୍ରୀ ଥିଲି' ଗଳ୍ପରେ ମନ୍ତ୍ରୀମାନେ କିପରି ଅଭିବାଦନ ଓ ପ୍ରଶଂସା ନେବା ଦିଗରେ ନିଜର ସମସ୍ତ ସମୟ ଅତିବାହିତ କରିଥାନ୍ତି,ତାହାକୁ ଏହି ଗଳ୍ପରେ ବ୍ୟଙ୍ଗୋକ୍ତି କରାଯାଇଛି । ଦେଶରେ ବନ୍ୟା ଦୁର୍ଭିକ୍ଷ, ମହାମାରୀରେ କେତେ ଜନସାଧାରଣ ପ୍ରତିଟି କ୍ଷଣରେ ପ୍ରାଣ ହରାଉଛନ୍ତି, ସେ ସଂପର୍କରେ ଧ୍ୟାନ ଦେବାପାଇଁ ମନ୍ତ୍ରୀଙ୍କ ନିକଟରେ ସମୟ ନଥାଏ, ମାତ୍ର କର୍ପୁର ମାଳ ଓ ପ୍ରଶଂସା ପତ୍ର ସାଉଁଟିବାରେ ସେମାନେ ସାରା ମନ୍ତ୍ରିତ୍ୱ ବିନିଯୋଗ କରିଦିଅନ୍ତି, ଯାହାର ପ୍ରକୃଷ୍ଟ ଉଦାହରଣ ଗାନ୍ଧିକ ଏହି ଗଳ୍ପମାଧ୍ୟମରେ ଦର୍ଶାଇଛନ୍ତି ।

୧୯୩୨ ମସିହାରେ ଦେଶକୁ ସ୍ୱାଧୀନ ରାଷ୍ଟ୍ରରେ ପରିଣତ କରିବା ପାଇଁ ବନ ପରିଡ଼ା ଭଳି ଅନେକ ସ୍ୱାଧୀନତା କର୍ମୀ ସ୍ୱାଧୀନତା ଆନ୍ଦୋଳନରେ ନିଜର ଘର, ପରିବାରକୁ ଭୁଲି ପୋଲିସଠାରୁ ଲାଠି ମାଡ଼ ଖାଇ କାରାବରଣ କରିଥିଲେ । ଦେଶ ସ୍ୱାଧୀନ ହେଲାପରେ ସେମାନେ ଭାବିଥିଲେ ନିଜର ଘର ପରିବାରଙ୍କ ନିକଟକୁ ଫେରିଯାଇ ସୁଖରେ କାଳତିପାତ କରିବେ, ମାତ୍ର ସ୍ୱାଧୀନ ଦେଶରେ ଏହାର ଠିକ୍ ବିପରୀତ ଘଟିଛି । ସେମାନଙ୍କର ଆର୍ଥିକ ସ୍ଥିତିରେ କୌଣସି ଆଶାନୁରୂପ ପରିବର୍ତ୍ତନ ଘଟିନାହିଁ ବରଂ ସାମାନ୍ୟ ଭତ୍ତା ପାଇଁ ଏ ଅଫିସରୁ ସେ ଅଫିସକୁ ଦୌଡ଼ିଛନ୍ତି । ସ୍ୱାଧୀନ ଦେଶରେ ଗାଦିମାଡ଼ି ବସିଥିବା ରାଜନେତାମାନେ ସେମାନଙ୍କୁ ଚିହ୍ନି ମଧ୍ୟ ନଚିହ୍ନିଲା ପରି ବ୍ୟବହାର ଦେଖାଇଛନ୍ତି । ଏହି ନେତାମାନଙ୍କୁ ଗାନ୍ଧିକ 'ବନ ପରିଡ଼ା' ଗଳ୍ପରେ ତାତ୍ପର୍ଯ୍ୟ କରିଛନ୍ତି । 'ଜାଲ ଟଙ୍କା' ଗଳ୍ପରେ ଗାନ୍ଧିଟୋପି ପରିଧାନକାରି ଶଠ ରାଜନେତାମାନଙ୍କର ଅସଲ ମୁଖାର ପର୍ଦାଫାର୍ଶ କରାଯାଇଛି । ଖଣ୍ଡାୟତ ଘରର କୁଳବଧୂ ନିଜ ପୁଅ ବରଜୁର ଆରୋଗ୍ୟ ପାଇଁ ରାଧୀ କେଉଟୁଣୀ ସହିତ ବଜାରରେ ମାଛ ବିକ୍ରୟ କରିଛି, ମାତ୍ର ଶୁଭ୍ର ଖଦଡ଼ ପୋଷାକଧାରୀ ରାଜନେତା ତା'ଠାରୁ ମାଛ ନେଇଯାଇ ତାକୁ ଜାଲ ତାଙ୍କ ଦେଇଛି । ଫଳସ୍ୱରୂପ ସେ ତା' ପୁଅ ପାଇଁ ଔଷଧ ଯୋଗାଡ଼ କରିପାରିନାହିଁ । ଯାହାଫଳରେ ତା' ପୁତ୍ରର ସକରୁଣ ମୃତ୍ୟୁ ଘଟିଛି । ଏହି ଗଳ୍ପରେ ରାଜନେତାମାନଙ୍କର କୁତ୍ସିତ ରୂପର ବର୍ଣ୍ଣନା କରାଯାଇ ସେମାନଙ୍କ ପ୍ରତି ବ୍ୟଙ୍ଗୋକ୍ତି ପ୍ରକାଶ ପାଇଛି । 'ମେଲେଏ' ଗଳ୍ପରେ ଅଶିକ୍ଷିତ ନିରକ୍ଷର ରାଜନେତାମାନଙ୍କର ମନ୍ତ୍ରିତ୍ୱ ଗ୍ରହଣ ପରେ ସେମାନେ କିପରି ନାନା

© 2026 ପୂର୍ଣ୍ଣଚନ୍ଦ୍ର ଜେନା. This is an open-access article distributed under the terms of the Creative Commons Attribution 4.0 International License (CC BY NC ND). https://creativecommons.org/licenses/by-nc-nd/4.0/

ସମସ୍ୟାର ସମୁଖୀନ ହୋଇଥାନ୍ତି ଏବଂ ନିଜର ପଦବୀ ଏମ୍.ଏଲ୍.ଏ କୁ ବିଦ୍ରୁପ କରି ମେଲେଏ କହିବା ଦ୍ୱାରା ପୋଲିସ କନେଷ୍ଟବଳ ଏଙ୍କେନ୍ନା ଦ୍ୱାରା ଗିରଫ ହୋଇ ଜେଲରେ ରାତ୍ରି ବିତାଇବା ଆଦି ଘଟଣା ହାସ୍ୟାସ୍ପଦ ହେଲେମଧ୍ୟ ଉକ୍ତ ଘଟଣା ଭିତରେ ନିହିତ ଥିବା ବ୍ୟଙ୍ଗୋକ୍ତି ହିଁ ଗଳ୍ପକୁ ଅଧିକ ରସାଣିତ କରିଛି ।

'ଶବ-ସଂସ୍କାର' ଗଳ୍ପରେ ସ୍ୱାଧୀନ ଦେଶର ସ୍ୱାଧୀନତା କର୍ମୀମାନଙ୍କର ଅସ୍ୱଚ୍ଛନୀୟ ଅବସ୍ଥାର ଚିତ୍ର ପ୍ରଦତ୍ତ ହୋଇଛି । ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ଯଦୁମଣିବାବୁ ବିନା ଦୋଷରେ ପୋଲିସ କନେଷ୍ଟବଳ ଚନ୍ଦ୍ରମୋହନ ବାବୁଙ୍କ ଚକ୍ରାନ୍ତରେ କାରାବରଣ କରିଛନ୍ତି । ଜେଲରୁ ଫେରିବା ପରେ ତାଙ୍କ ପାଖରେ ମୁଣ୍ଡ ଗୁଞ୍ଜିବା ପାଇଁ ନା ଥିଲା ଗୃହ ନା ପେଟକୁ ମୁଠାଏ ଦାନ ଯୋଗାଡ଼ କରିବାପାଇଁ ନା ଥିଲା ତାଙ୍କ ପାଖରେ ସକ୍ଷମ । ନିଜର ସ୍ତ୍ରୀ ଓ ସନ୍ତାନଙ୍କ ମୁହଁରେ ମୁଠାଏ ଦାନା ଦେଇପାରି ନାହାଁନ୍ତି । ସ୍ୱାଧୀନ ଦେଶର ମନ୍ତ୍ରୀ ଠାରୁ ଆରମ୍ଭକରି ମୁଖ୍ୟ ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ସେ ନିଜ ଅବସ୍ଥା ସମ୍ପର୍କରେ ଦରଖାସ୍ତ ପରେ ଦରଖାସ୍ତ ଲେଖିଛନ୍ତି, ମାତ୍ର ତାଙ୍କ ପ୍ରତି କୌଣସି ରାଜନେତା ଭ୍ରୁକ୍ଷେପ କରିନାହାଁନ୍ତି । ଯାହାଫଳରେ ସେ ମାନସିକ ଭାରସାମ୍ୟ ହରାଇବସି ଆତ୍ମହତ୍ୟା କରିଛନ୍ତି । ଉକ୍ତ ଗଳ୍ପରେ ସ୍ୱାଧୀନ ଦେଶରେ ସ୍ୱାଧୀନତା କର୍ମୀମାନେ କିପରି ନାନା ଦୁଖଃ କଷ୍ଟ ଯନ୍ତ୍ରଣା ମଧ୍ୟଦେଇ ଜୀବନ ଅତିବାହିତ କରୁଛନ୍ତି ତାହାର ସ୍ପଷ୍ଟ ଚିତ୍ର ବର୍ଣ୍ଣନା କରାଯାଇଛି । 'ଉନ୍‌ମୋଚନ' ଗଳ୍ପରେ ମନ୍ତ୍ରୀଙ୍କର ଆଶ୍ରମ ଉନ୍ମୋଚନ କରିବା ନିମନ୍ତେ ଆଗ୍ରହ ଉତ୍କଣ୍ଠା ଅଛି, ମାତ୍ର ଦେଶରେ ଚାରିଆଡ଼େ ମରୁଡ଼ି ଅନାବୃଷ୍ଟି ଦିଗରେ ଭ୍ରୁକ୍ଷେପ କରିବାପାଇଁ ତାଙ୍କ ପାଖରେ ସମୟ ନାହିଁ । ତେଣୁ ଗାନ୍ଧିକ ଏହି ଗଳ୍ପରେ ଶିଳ୍ପୀ ଗୁରୁଚରଣ ଚରିତ୍ର ମାଧ୍ୟମରେ ଏହିଭଳି ରାଜନେତାଙ୍କୁ ବ୍ୟଙ୍ଗୋକ୍ତି କରିଛନ୍ତି । ଋଷିକୁଲ୍ୟା ନଦୀ ନିକଟସ୍ଥ ଗ୍ରାମରେ ଏକ ଆଶ୍ରମର ଉନ୍ମୋଚନ କରିବାପାଇଁ କଣ୍ଟ୍ରାକଟର ଗୋବିନ୍ଦ ପାତ୍ରଙ୍କ ନିମନ୍ତ୍ରଣରେ ମନ୍ତ୍ରୀ ଆସିଛନ୍ତି । ମନ୍ତ୍ରୀଙ୍କୁ ସ୍ୱାଗତ କରିବାପାଇଁ ସମଗ୍ର ଗ୍ରାମବାସୀ ଯଥାସମ୍ଭବ ସ୍ୱାଗତ କାର୍ଯ୍ୟରେ ଯୋଗ ଦେଇଛନ୍ତି । ମନ୍ତ୍ରୀଙ୍କର ଏକ ପ୍ରତିମୂର୍ତ୍ତି ଆଙ୍କିବା ପାଇଁ ଚିତ୍ରକର ଗୁରୁଚରଣଙ୍କୁ କୁହାଯାଇଛି । ମାତ୍ର ଦେଶର ଦୁର୍ଭିକ୍ଷ ଅନାଟନ ଅବସ୍ଥାକୁ ଦୃଷ୍ଟିରେ ରଖି ଗୁରୁଚରଣ ମନ୍ତ୍ରୀଙ୍କର ପାଦରୁ ଅଣ୍ଟା ପର୍ଯ୍ୟନ୍ତ ଚିତ୍ରଟି ପ୍ରସ୍ତୁତ କରିଛି । ତାକୁ ଏହି ଚିତ୍ର ସଂପର୍କରେ ପଚାରିବାରୁ ସେ କହିଛି, ସ୍ତ୍ରୀ କହିଲା " ତିନି ଓଳି ହେଲା ଚୁଲି ଜଳିନାହିଁ । ସତ କରି କହ, ତୁମ ହାତ ତୁମ ପାଟିକୁ ଯାଇଛିକି ? ତାହା ହେଲେ ମନ୍ତ୍ରୀଙ୍କର ହାତ ଓ ପାଟି ଆଙ୍କିବାରେ ଅଧିକାର ତୁମର ନାହିଁ । ଯେଉଁଦିନ ତୁମର, ତୁମ ପଡ଼ୋଶୀର, ତୁମ ଗାଁ ଲୋକଙ୍କର, ଆଉ ଏ ଅଞ୍ଚଳର ସମସ୍ତଙ୍କ ହାତ ପାଟିକି ଯିବ, ସେହିଦିନ ତୁମେ ଏ ଚିତ୍ର ପୂର୍ଣ୍ଣ କରିବ । ଏହି ଗଳ୍ପରେ ଗାନ୍ଧିକ ମନ୍ତ୍ରୀମାନଙ୍କର ଦାୟିତ୍ୱ ଓ କର୍ତ୍ତବ୍ୟ କ୍ଷେତ୍ରରେ କିପରି ଅବହେଳା କରୁଛନ୍ତି, ତାହା ଦର୍ଶାଇଛନ୍ତି । ପ୍ରାକ୍ ସ୍ୱାଧୀନତା କାଳରେ ଯେଉଁମାନେ ସାଧାରଣ ଜନତାଙ୍କୁ ଶୋଷଣ, ଲୁଣ୍ଠନ ଓ ଅକଥନୀୟ ଅତ୍ୟାଚାର କରୁଥିଲେ, ସେହିମାନେ ସ୍ୱାଧୀନତା ପରବର୍ତ୍ତୀ କାଳରେ ଗାନ୍ଧୀ ଟୋପି ପରିଧାନ କରି ରାଜନୀତିର ସିଂହାସନରେ ଉପନୀତ ହୋଇ ସାଧାରଣ ଜନତାଙ୍କୁ ଶାସନ କରିବାର ଏକ ଅଭିନବ ପନ୍ଥା ଆପଣେଇଛନ୍ତି, ଯାହାକୁ ଗାନ୍ଧିକ 'ହରିସୁଆରର ଗାନ୍ଧିଟୋପି' ଗଳ୍ପରେ ଦର୍ଶାଇଛନ୍ତି । ଖଲିକୋଟ ଗଡ଼ର ମନ୍ଦିର ପୂଜାରୀ ହରି ସୁଆର ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ କଂଗ୍ରେସର ବାର୍ତ୍ତା ପ୍ରଚାର କରି ଖଲିକୋଟ ରାଜଙ୍କର କୋପାନଳରେ ଦଗ୍ଧିଭୂତ ହୋଇ ନିଜର ବାପ ଅଜା ଅମଳରୁ କରିଆସୁଥିବା ସୁଆର ବୃତ୍ତିରୁ ବହିସ୍କୃତ ହୋଇଛି । ମାତ୍ର ରାଜାଙ୍କର ଆକ୍ରୋଶକୁ ଖାତିର ନକରି ସେ ଗାନ୍ଧୀଜୀଙ୍କର ଜାତୀୟତାବାଦୀ ବାଣୀ ସର୍ବଜନ ନିକଟରେ ପ୍ରେରଣ କରିଛି । ଯାହାଫଳରେ ସେ ରହୁଥିବା କୁଡ଼ିଆ ଖଣ୍ଡିକରେ ରାଜା ନିଆଁ ଲଗାଇ ଦେଇଛନ୍ତି । ତଥାପି ସେ ଅଟକି ଯାଇନାହିଁ, ବରଂ ରାଜଙ୍କର ଅତ୍ୟାଚାର ବିରୋଧରେ ତୀବ୍ର ପ୍ରତିବାଦର ସ୍ୱର ଉତ୍ତୋଳନ କରିଛି । ଦେଶ ସ୍ୱାଧୀନ ହୋଇଛି । ସ୍ୱାଧୀନ ଦେଶରେ ଜନସାଧାରଣ ଭୋଟ କେନ୍ଦ୍ରରେ ପାର୍ଥୀ ଚୟନ କରିଛନ୍ତି । ମାତ୍ର ଯେଉଁ କଂଗ୍ରେସ ଦଳର ବିଜୟ ପାଇଁ ହରିସୁଆର ନିଜର ସର୍ବୋସ୍ୱ ତ୍ୟାଗ କରିଦେଇଛି, ସେହି ଦଳରେ ଖଲିକୋଟର ରାଜା ଗାନ୍ଧିଟୋପି ପରିଧାନକରି କଂଗ୍ରେସର ଏକ ପାର୍ଥୀ ରୂପେ ଅଶଂ ଗ୍ରହଣ କରିଛନ୍ତି । ଏହା ଦେଖିଲା ପରେ ହରିସୁଆରର ଆତ୍ମା କ୍ରୋଧ ଓ ଅପମାନରେ ବିଳାପ କରିଉଠିଛି । ସେ କହିଛି "କଂଗ୍ରେସ ? ରାଜା କଂଗ୍ରେସ ! ମିଛ କହୁଚ । କେବେ ହୋଇପାରେନା । କଂଗ୍ରେସ ସାଧୁ, କଂଗ୍ରେସ ସଜ୍ଜା ! ରାଜାର ପତନ ହେଉ, କଂଗ୍ରେସର ଜୟ ହେଉ । ହରିସୁଆର ସେହି ଭୋଟ କେନ୍ଦ୍ରରୁ ବିଦ୍ରୋହ ଏବଂ ଆତଙ୍କିତ ଭାବନାରେ ଚାଲିଯାଇଛି । ବାସ୍ତବରେ ଉକ୍ତ ଗଳ୍ପ ମାଧ୍ୟମରେ ଗାନ୍ଧିକ ଜଣାଇଦେବାକୁ ଚାହାଁନ୍ତି ଯେ, ସ୍ୱାଧୀନତା ପରବର୍ତ୍ତୀ ସମୟରେ ସେହିମାନେ ରାଜନୀତିରେ ଅଂଶ ଗ୍ରହଣ କରିଛନ୍ତି, ଯେଉଁମାନେ ସ୍ୱାଧୀନତା ଚାହୁଁ ନଥିଲେ । ମାତ୍ର ଯେଉଁ ସ୍ୱାଧୀନତା କର୍ମୀମାନେ ଦେଶକୁ ସ୍ୱାଧୀନ ରାଷ୍ଟ୍ରରେ ପରିଣତ କରିବାପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଦେଇଥିଲେ, ସେମାନେ ସ୍ୱାଧୀନତା ପରେ ନାନା ଦୁଖଃ,କଷ୍ଟ ଓ ସ୍ୱାଧୀନତାର ମୋହଭଙ୍ଗ ଭିତରେ କାଳାତିପାତ କରିଛନ୍ତି ।

'ସଇତାନର ଭୋଟ' ଗଳ୍ପରେ ମଦ ଓ ଅଫିମ ପରି ସଇତାନର ଆଶ୍ରୟରେ କିପରି ଗୋଟିଏ ଗ୍ରାମ ମଶାଣିରେ ପରିଣତ ହେଇଯାଏ ତାହା ବର୍ଣ୍ଣିତ । ମଉସନପୁର ଗ୍ରାମର ପଣ୍ଡିତଗଣ ମନ୍ଦିରରେ ଶାସ୍ତ୍ରଚର୍ଚ୍ଚା କରିବା ସମୟରେ ଚିତ୍ତବିନୋଦନ ପାଇଁ ମାଦକ ଦ୍ରବ୍ୟର ବ୍ୟବହାର କରିଛନ୍ତି । ଧୀରେ ଧୀରେ ମାଦକ ନିଶାରେ ସେମାନେ ସେମାନଙ୍କର ଜ୍ଞାନ ଓ ନିଜର ସମସ୍ତ ସମ୍ପତି ହରାଇ ଦେଇଛନ୍ତି । ପେଟ ପୋଷିବା ପାଇଁ କିଏ କେଉଁ ଗ୍ରାମରେ ଯାଇ ବସତି ସ୍ଥାପନ କରି ରହିଛନ୍ତି । ଏହି ଗ୍ରାମର ପଣ୍ଡିତଙ୍କ ବଂଶଧର ରାଜନୀତିରେ ଯୋଗଦେଇ ଗ୍ରାମବାସୀଙ୍କ ଠାରୁ ଭୋଟ ଗ୍ରହଣ ପାଇଁ ଆସିଛି । ମାତ୍ର ସେ ରାଜନୀତିର ସିଂହାସନରେ ଉପନୀତ ହୋଇପାରିନାହିଁ । ବାସ୍ତବରେ ଏ ଗଳ୍ପରେ ମାଦକ ଦ୍ରବ୍ୟକୁ ସଇତାନ ଆଖ୍ୟା ଦିଆଯାଇଛି ଏବଂ ଗଣ ଭୋଟ ପ୍ରତି ବ୍ୟଙ୍ଗୋ ବିଦ୍ରୁପ ପ୍ରକାଶ ପାଇଛି ।

'ହସ୍ତାନ୍ତର' ଗଳ୍ପରେ ଜମିଦାରୀ ପ୍ରଥାର ବିଲୟ ଏବଂ ନୂତନ ରାଜନୈତିକ କ୍ଷମତାର ଅୟମ୍ ଆରମ୍ଭଃ । ଫଳସ୍ୱରୂପ ସାଧାରଣ ଜନତାଙ୍କ ବିଶ୍ୱାସରେ ପ୍ରବଞ୍ଚନା ଏବଂ ସେମାନଙ୍କୁ ନାନା ଦିଗରୁ ଲୁଣ୍ଠନ ଆଦି ଘଟଣା ବର୍ଣ୍ଣିତ । ଗଳ୍ପରେ ନୂଆପଡ଼ା ଗ୍ରାମର ମାଇନର ଫେଲ ବାସୁଦାସ ମୂର୍ଖ ଅଶିକ୍ଷିତ ବାଉରିମାନଙ୍କର ବିବାହ ବ୍ରତ ଆଦି ଉତ୍ସବରେ ଯୋଗଦେଇ ସେମାନଙ୍କ ସହିତ ଏକାଠି ଭୋଜନ ଗ୍ରହଣ କରି ସେମାନଙ୍କର ସାଆନ୍ତ ଭାବରେ ନିଜକୁ ପରିଚିତ କରାଇଛି । ଗ୍ରାମର ଜମିଦାର ଭ୍ରମରବର ମାନସିଂହଙ୍କ ବିରୋଧରେ ବାଉରିମାନଙ୍କୁ ମତାଇ ନିଜର ସମସ୍ତ କାର୍ଯ୍ୟ ହାସଲ କରିନେଇଛି । ସେମାନଙ୍କ ନାମରେ ଜମି ବାଡ଼ି କରିଦେବାର ମିଛ ଆଶ୍ୱାସନା ଦେଇ ସେମାନଙ୍କଠାରୁ ଟିପ ଚିହ୍ନ ନେଇ ସେମାନଙ୍କର ଘରଦ୍ୱାର, ରାସ୍ତାଘାଟ ଆଦି ସମସ୍ତକୁ ନିଜ ନାମରେ କରିନେଇଛି । ବାସ୍ତବରେ ଉକ୍ତ ଗଳ୍ପରେ ସ୍ୱାଧୀନତା ପରବର୍ତ୍ତୀ ସମୟଖଣ୍ଡରେ ଯେଉଁ କେତେଜଣ ଦେଶ ସେବା କରିବାର ମୁଖା ପିନ୍ଧି ଦେଶବାସୀଙ୍କୁ ଲୁଣ୍ଠନ କରିବାର ନୂତନ ପନ୍ଥା ଆପଣେଇଥିଲେ, ସେହିମାନଙ୍କ ମୁଖାକୁ ଗାନ୍ଧିକ ଏଠାରେ ଉନ୍ମୋଚନ କରି ବ୍ୟଙ୍ଗ କରିଛନ୍ତି । ସେହିପରି 'ମଦ ଦୋକାନର ଇତିହାସ' ଗଳ୍ପରେ ମୁଖ୍ୟ ଉପଜୀବ୍ୟ ବିଷୟ ହେଉଛି ମଦ ବା ଖଜୁରୀ ତାଡ଼ି । ଏହି ଖଜୁରୀ ତାଡ଼ି ପାଇଁ ପଞ୍ଚୁପଲ୍ଲୀ ଓ ବୋରି ଗାଁର ଗ୍ରାମବାସୀଙ୍କ ମଧ୍ୟରେ କଳିରୋଳ ଅନୁଷ୍ଠିତ ହୋଇ ଉଭୟ ଉଭୟଙ୍କର ଶତ୍ରୁରେ ଉପନୀତ ହୋଇଛନ୍ତି । ମାତ୍ର କଥାରେ ଅଛି ବିପଦ ବେଳେ ଯେତେ ବଡ଼ ଶତ୍ରୁ ହେଇଥାଉନା କାହିଁକି ସେ ମିତ୍ର ପାଲଟିଯାଏ । ଏଠି ମଧ୍ୟ ଠିକ୍ ସେଇଆ ଘଟିଛି । ପଞ୍ଚୁପଲ୍ଲୀ ଗ୍ରାମର କିଛି ଜଣ ଲୋକ ବୋରି ଗାଁର ଲୋକମାନଙ୍କୁ ବନ୍ଧ କାଟି ବଡ଼ି ପାଣିରେ ମାରିଦେବା ଉଦ୍ଦେଶ୍ୟରେ ରାତ୍ରିରେ ସେମାନଙ୍କ ଗ୍ରାମକୁ ଯାଇଥିଲେ । ପରନ୍ତୁ ସେମାନଙ୍କର ଚିହ୍ନା ପରିଚିତ ମୁହଁଗୁଡ଼ିକୁ ଦେଖି ସେମାନେ ତାଙ୍କୁ ବଡ଼ି ପାଣିରୁ ଉଦ୍ଧାର କରିଛନ୍ତି । ବର୍ଷ ବର୍ଷର ଗଣ୍ଡଗୋଳ କ୍ଷଣିକରେ ମିତ୍ରତାରେ ପରିଣତ ହୋଇଛି । ବାସ୍ତବରେ ଏହି ଗଳ୍ପରେ ଗାନ୍ଧିକ ତାଡ଼ି ବୃତ୍ତି ଓ ବ୍ୟବସାୟକୁ କଠୋର ବ୍ୟଙ୍ଗ କରିଛନ୍ତି । 'ମରିବାକୁ ବେଳନାହିଁ' ଗଳ୍ପରେ ମନ୍ତ୍ରୀଙ୍କର ଅଯଥା କାଯ୍ୟ ବ୍ୟସ୍ତତା ଓ ବିଭିନ୍ନ ସଭାସମିତିରେ ବ୍ୟର୍ଥ ଭାଷଣ ଦେବାର ପ୍ରସଙ୍ଗକୁ ଗାନ୍ଧିକ ବ୍ୟଙ୍ଗ କରିଛନ୍ତି । 'ତମ ପକେଟ ରହସ୍ୟ' ଗଳ୍ପରେ ପକେଟର ବ୍ୟବହାର ସମ୍ପର୍କରେ ବ୍ୟଙ୍ଗୋକ୍ତି ପ୍ରକାଶ ପାଇଛି

© 2026 ପୂର୍ଣ୍ଣଚନ୍ଦ୍ର ଜେନା. This is an open-access article distributed under the terms of the Creative Commons Attribution 4.0 International License (CC BY NC ND). https://creativecommons.org/licenses/by-nc-nd/4.0/

। ସେହିପରି ଭାବରେ 'ଓଡ଼ିଶାରେ ଚାକିରି ଶସ୍ତା' ଗଳ୍ପରେ ମନ୍ତ୍ରୀମାନଙ୍କର ପ୍ରିୟାପ୍ରୀତି ଫଳରେ ଅନେକ ଅଶିକ୍ଷିତ ଅପଦାର୍ଥ ବ୍ୟକ୍ତି ସରକାରୀ ଉଚ୍ଚ ପଦବୀରେ ରହି ଦେଶର ଉନ୍ନତି ମୂଳକ କାର୍ଯ୍ୟକୁ କିପରି ଅଧୋଗତି ଦିଗକୁ ପ୍ରେରଣ କରିଥାନ୍ତି, ତାହା ଏ ଗଳ୍ପରେ ଦର୍ଶାଯାଇଛି । ଏହିପରି ରାଜନେତାମାନଙ୍କୁ ଗାଳ୍ପିକ ତାଙ୍କର ସମଗ୍ର ଲେଖାରେ ବ୍ୟଙ୍ଗ ବିଦ୍ରୁପ କରିଛନ୍ତି ।

ଉପସଂହାର

ଗୋଦାବରୀଶ ମହାପାତ୍ରଙ୍କ ଗଳ୍ପ ଓଡ଼ିଆ ସାହିତ୍ୟରେ ବ୍ୟଙ୍ଗ ଓ ରାଜନୈତିକ ଚେତନାର ଏକ ଜ୍ୱଳନ୍ତ ଉଦାହରଣ । ସେ ହାସ୍ୟ ରସ ମାଧ୍ୟମରେ ଗଭୀର ସତ୍ୟକୁ ଉପସ୍ଥାପନ କରିଥାନ୍ତି । ତାଙ୍କ ବ୍ୟଙ୍ଗ କେବଳ ଚିତ୍ତବିନୋଦନ ପାଇଁ ନୁହେଁ; ପରନ୍ତୁ ଏହା ଏକ ସାମାଜିକ ଓ ରାଜନୈତିକ ଅସ୍ତ୍ର । ତାଙ୍କ ବିଦ୍ରୁପ କେବଳ ନିନ୍ଦା ନୁହେଁ; ଏହା ଏକ ଚେତନା ଜାଗ୍ରତ କରିବାର ଉପାୟ । ସେ ତାଙ୍କ ଗଳ୍ପରେ ସାଧାରଣ ମଣିଷକୁ ହାସ୍ୟାସ୍ପଦ କରନ୍ତି ନାହିଁ । ବରଂ ସେମାନଙ୍କ ଦୁଃଖ ଓ ଅସହାୟତାକୁ ଦେଖାଇ ପାଠକଙ୍କ ମନରେ ସହାନୁଭୂତି ସୃଷ୍ଟି କରନ୍ତି । ତାଙ୍କ ବ୍ୟଙ୍ଗ ରାଜନୈତିକ ନେତା, ପ୍ରଶାସନିକ ଅଧିକାରୀ ଓ ସାମାଜିକ କପଟତା ଉପରେ ଅଧିକ ତୀକ୍ଷ୍ଣ । ସେ ଦେଖାନ୍ତି ଯେ ରାଜନୀତି କିପରି ଜନସାଧାରଣଙ୍କ ସେବାରୁ ବିଚ୍ୟୁତ ହୋଇ ସ୍ୱାର୍ଥର ଉପକରଣ ହୋଇଯାଏ । ତାଙ୍କ ଗଳ୍ପରେ ରାଜନୈତିକ ଚେତନା ଏହି ବିନ୍ଦୁରେ ସ୍ପଷ୍ଟ ହୁଏ, ଯେ ସାଧାରଣ ମଣିଷ ଯଦି ନିଜର ଅଧିକାର ବିଷୟରେ ସଚେତନ ନହୁଏ, ତେବେ ଶୋଷଣ ଚିରକାଳ ଜାରି ରହିବ । ତେଣୁ ଆଜି ମଧ୍ୟ ସମାଜରେ ଯେତେବେଳେ ଦୁର୍ନୀତି, ଶୋଷଣ ଓ ରାଜନୈତିକ ଭ୍ରଷ୍ଟତା ଦୃଷ୍ଟି ଗୋଚର ହୁଏ, ତାଙ୍କ ଗଳ୍ପ ପାଠକଙ୍କୁ ସ୍ମରଣ କରାଏ ଯେ, ସାହିତ୍ୟ କେବଳ ସୌନ୍ଦର୍ଯ୍ୟର ଅନୁଭୂତି ନୁହେଁ; ଏହା ସମାଜର ଦର୍ପଣ ଓ ପରିବର୍ତ୍ତନର ଏକ ଶକ୍ତିଶାଳୀ ମାଧ୍ୟମ । ସେଥିପାଇଁ ତାଙ୍କ ଗଳ୍ପ ଆଜି ମଧ୍ୟ ସେତିକି ପ୍ରାସଙ୍ଗିକ କାରଣ ସେଥିରେ ଥିବା ବ୍ୟଙ୍ଗ, ବିଦ୍ରୁପ ଓ ରାଜନୈତିକ ଚେତନା କାଳାତୀତ ।

ସହାୟକ ଗ୍ରନ୍ଥସୂଚୀ:

1. ବ୍ରହ୍ମା, ପ୍ରଫେସର ଗୌରୀକୁମାର, ପାଣିଗ୍ରାହୀ, ଡକ୍ଟର ବିବେକାନନ୍ଦ, ଗୋଦାବରୀଶ ରଚନାବଳୀ(ପ୍ରଥମ ଖଣ୍ଡ) (ସଂ),ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ, କଟକ, ତୃତୀୟ ସଂସ୍କରଣ, ୨୦୧୨ ।
2. ବ୍ରହ୍ମା, ପ୍ରଫେସର ଗୌରୀକୁମାର, ପାଣିଗ୍ରାହୀ, ଡକ୍ଟର ବିବେକାନନ୍ଦ, ଗୋଦାବରୀଶ ରଚନାବଳୀ(ଦ୍ୱିତୀୟ ଖଣ୍ଡ) (ସଂ),ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ, କଟକ, ଦ୍ୱିତୀୟ ସଂସ୍କରଣ, ୨୦୦୫ ।
3. ବ୍ରହ୍ମା, ପ୍ରଫେସର ଗୌରୀକୁମାର, ଗୋଦାବରୀଶ ରଚନାବଳୀ(ତୃତୀୟ ଖଣ୍ଡ) (ସଂ),ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ, କଟକ, ୧୯୯୭ ।
4. ମିଶ୍ର, ଡକ୍ଟର ଶ୍ୟାମସୁନ୍ଦର, ଗୋଦାବରୀଶ ମହାପାତ୍ର, ଓଡ଼ିଶା ସାହିତ୍ୟ ଏକାଡେମୀ, ଭୁବନେଶ୍ୱର, ୧୯୯୩ ।
5. ସାମଲ, ଡକ୍ଟର ବୈଷ୍ଣବ ଚରଣ, ଓଡ଼ିଆ କ୍ଷୁଦ୍ରଗଳ୍ପର ଇତିହାସ (୧୯୨୦–୧୯୫୦), ଦ୍ୱିତୀୟ ଭାଗ, ବୁକ୍ସ ଏଣ୍ଡ ବୁକ୍ସ, କଟକ, ୧୯୯୦ ।

Creative Commons (CC) License

This article is an open-access article distributed under the terms and conditions of the Creative Commons Attribution–Non-Commercial–No Derivatives 4.0 International (CC BY-NC-ND 4.0) license. This license permits sharing and redistribution of the article in any medium or format for non-commercial purposes only, provided that appropriate credit is given to the original author(s) and source. No modifications, adaptations, or derivative works are permitted under this license.

About the Author



ପୂର୍ଣ୍ଣଚନ୍ଦ୍ର ଜେନା କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜଣେ ନିଷ୍ଠାପର ଗବେଷକ। ଗବେଷଣା, ସାହିତ୍ୟିକ ଅଧ୍ୟୟନ ଏବଂ ବିଭିନ୍ନ ସାମାଜିକ-ଶିକ୍ଷାଗତ ବିଷୟବସ୍ତୁ ଉପରେ ତାଙ୍କର ବିଶେଷ ରୁଚି ରହିଛି। ଶିକ୍ଷା ଓ ସାହିତ୍ୟର ବିକାଶ ପାଇଁ ସେ ନିଜର ଗବେଷଣାତ୍ମକ ଲେଖା ମାଧ୍ୟମରେ ନିରନ୍ତର ପ୍ରୟାସରତ।

© 2026 ପୂର୍ଣ୍ଣଚନ୍ଦ୍ର ଜେନା. This is an open-access article distributed under the terms of the Creative Commons Attribution 4.0 International License (CC BY NC ND). https://creativecommons.org/licenses/by-nc-nd/4.0/